

୧୮ ବର୍ଷ ● ୬ଷ୍ଠ ସଂଖ୍ୟା ● ଡିସେମ୍ବର ୨୦୧୭


ପ୍ରଥମ ପ୍ରସଙ୍ଗ : ଅନନ୍ୟା

ପ୍ରସଙ୍ଗ: 'କିସ୍' : ମୁଁ ସୁମିତ୍ରା ନାୟକ କହୁଛି

: 'କିସ୍': ଏକ ବିଶ୍ୱ ବିସ୍ମୟ, 'କିସ୍'ର ବୃହତ୍ ପାକଶାଳା

: ଧନ୍ଦାମୂଳକ ଶିକ୍ଷାର ପ୍ରୟୋଗଶାଳା, 'କିସ୍' ଓ କ୍ରୀଡ଼ା, ସାଂସ୍କୃତିକ ସମ୍ଭାର

: ଭାଷାର ବିକାଶରେ ବ୍ୟକ୍ତିତ୍ୱର ବିକାଶ ଓ ଆହୁରି ଅନେକ

ସାହିତ୍ୟ : ୩ଟି ମନନଶୀଳ ଗଳ୍ପ, ୪ଟି ମନୋରମ କବିତା

ନିୟମିତ : ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ ବିଭାଗ।


## ପ୍ରଥମ ପ୍ରସଙ୍ଗ : ଅନନ୍ୟା

### ଲେଖିକା : ଇତି ସାମନ୍ତ

କାମନା ବାସନା ଥାଏ ନାରୀର। ପୁରୁଷକୁ ପାଇବାର ଲାଳସା ତା'ର ମଧ୍ୟ ଥାଏ। କିନ୍ତୁ ଅପର ପକ୍ଷରେ ପୁରୁଷର ମଧ୍ୟ କାମନା ବାସନା ଥାଏ। ନାରୀ ପ୍ରତି ଆକୃଷ୍ଟ ହୋଇ ତାକୁ ଭୋଗ କରିବାର ଲାଳସା ମଧ୍ୟ ଥାଏ ପୁରୁଷର। ହୁଏତ ଆପଣଙ୍କ ଦୃଷ୍ଟିରେ ଏତେ ସବୁ ସତ୍ତ୍ୱେ ପୁରୁଷ ମୋକ୍ଷକାମୀ ହୋଇପାରେ ଏବଂ ଏସବୁକୁ ତ୍ୟଜ୍ୟ କରି ସମସ୍ତ ଆକର୍ଷଣ ତଥା ବନ୍ଧନର ମାୟା କାଟି ଊର୍ଦ୍ଧ୍ୱଗାମୀ ହୋଇପାରେ। ପ୍ରକୃତ ସନ୍ନ୍ୟାସ ଅବଲମ୍ବନ କରିପାରେ। କିନ୍ତୁ ନାରୀ ତାହା କରିପାରେ ନାହିଁ କି ପ୍ରକୃତ ସନ୍ନ୍ୟାସୀ ହୋଇପାରେ ନାହିଁ। କିନ୍ତୁ ରାଜନ୍! ଏକଥା ଜାଣି ରଖିଥାନ୍ତୁ ନାରୀ କ୍ଷେତ୍ରରେ ମାୟା କାଟିବାର ପ୍ରୟୋଜନ ହୋଇ ନ ଥାଏ। ସେ ନିଜେ ମାୟା। ମାୟାରେ ପଡ଼ିବାର ଆବଶ୍ୟକତା ନାହିଁ ତା'ର। ଏପରି କୌଣସି ଆକର୍ଷଣ ନାହିଁ ଏ ସଂସାରରେ ଯାହାର ସ୍ୱରୂପ ଦର୍ଶନ କରି ସେ ଲକ୍ଷ୍ୟଚ୍ୟୁତ ହୋଇଯିବ। ଯଦି ସାଧନା କରିବାକୁ ସ୍ଥିର କରି ନେଇ ସାଧନା ପଥରେ ଅଗ୍ରସର ହେବ ତେବେ କେହିବି ବାଧକ ସାଜି ପାରିବେ ନାହିଁ ତା'ର ସାଧନାପଥର।

## ପ୍ରସଙ୍ଗ : 'କିସ୍' ମୁଁ ସୁମିତ୍ରା ନାୟକ କହୁଛି

୨୦୦୯ ମସିହାରେ ରଗ୍‌ବୀ ଅଭ୍ୟାସ କରିବା ଆରମ୍ଭ କରିଥିଲେ ସୁମିତ୍ରା। ୨୦୧୨ ମସିହାରେ ସେ ତାଙ୍କର ପ୍ରଥମ ରାଜ୍ୟସ୍ତରୀୟ ମ୍ୟାଚ୍ ଖେଳିଥିଲେ। ଏହାର ଦୁଇବର୍ଷ ପରେ ୧୩ ବର୍ଷରୁ କମ୍ 'ରଗ୍‌ବୀ' ବିଶ୍ୱକପ୍, ଜାତୀୟ ରଗ୍‌ବୀ ଚାମ୍ପିଅନ୍‌ସିପ୍ ଓ ଜାତୀୟ ସ୍କୁଲ କ୍ରୀଡ଼ାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ ସୁମିତ୍ରା। ଗତବର୍ଷ ଦୁବାଇଠାରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଏସିଆନ୍ ବାଳିକା ରଗ୍‌ବୀ-୭ ଏସ୍‌ରେ ସେ ଦଳ ପାଇଁ କାଂସ୍ୟ ପଦକ ହାସଲ କରିଥିଲେ। ସଂପ୍ରତି ୨୦୧୭ ମସିହାରେ ପ୍ୟାରିସ୍‌ଠାରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ପ୍ୟାରିସ୍ ୱାର୍ଲ୍ଡ ଗେମ୍‌ସରେ ସେ ଭାରତୀୟ ବାଳିକା ରଗ୍‌ବୀ ଦଳର ଅଧିନାୟିକା ହେବାର ସୁଯୋଗ ପାଇଥିଲେ। ପ୍ୟାରିସ୍‌ର ଷ୍ଟେଡ୍ ଜର୍ଜ କାର୍ପେଣ୍ଟିରଠାରେ ପ୍ୟାରିସ୍ ୱାର୍ଲ୍ଡ ଗେମ୍ସ ଅନୁଷ୍ଠିତ ହୋଇଥିଲା। ଭାରତୀୟ 'କିସ୍'ର ଆହୁରି ୬ଜଣ ଛାତ୍ରୀ ମଧ୍ୟ ସାମିଲ୍ ହୋଇ ଖେଳିବାର ସୁଯୋଗ ପାଇଥିଲେ। ଏହି ଖେଳରେ ସୁମିତ୍ରା ସମେତ 'କିସ୍' ଛାତ୍ରୀମାନେ ଚମତ୍କାର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ। କେବଳ ସେତିକି ନୁହେଁ, ସୁମିତ୍ରା ନିଜ ଜୀବନର ସଂଘର୍ଷ ଓ ସଫଳତା ବଖାଣିବା ପାଇଁ 'ଟେଡ୍' ବକ୍ତୃତା ଦେବା ପାଇଁ ଗତବର୍ଷ ପୁନେ ନିମନ୍ତ୍ରିତ ହୋଇ ଯାଇଥିଲେ। କିସ୍ ବିଶ୍ୱବିଦ୍ୟାଳୟକୁ ନେଇ 'କାଦମ୍ବିନୀ'ର ଏହି ସ୍ୱତନ୍ତ୍ର ସଂଖ୍ୟାଟି ପ୍ରସ୍ତୁତ ହେଉଥିବା ବେଳେ ସମ୍ପାଦିକାଙ୍କ ତରଫରୁ ଅନୁରୋଧ ଆସିଥିଲା ମୋର ମତାମତ ପାଇଁ। ପ୍ରଚଣ୍ଡ ବ୍ୟସ୍ତତା ମଧ୍ୟରେ ଅନ୍ୟ କୌଣସି ମତାମତ ଦେବା ପାଇଁ ଭାବିବା ପୂର୍ବରୁ ପ୍ରଥମେ ମୋ ମନକୁ ଆସିଥିଲା ସୁମିତ୍ରାଙ୍କ କଥା। ଯଦିଓ ସୁମିତ୍ରାଙ୍କୁ ମୁଁ 'କିସ୍' ପରିସରରେ ସଦାସର୍ବଦା ଭେଟୁଛି, ତାଙ୍କର ସମସ୍ତ ବିଷୟରେ ଅବଗତ ଅଛି ତେବେ ଇଚ୍ଛା ହେଲା ମୋର 'କାଦମ୍ବିନୀ'ର ପ୍ରିୟ ପାଠକଙ୍କ ପାଇଁ ଆଉଥରେ ସ୍ୱତନ୍ତ୍ର ଭାବରେ ତାଙ୍କୁ ଭେଟିବା ପାଇଁ। ଆଉ ସୁମିତ୍ରା ଏକାନିଃଶ୍ୱାସରେ କହି ଚାଲିଥିଲେ ତାଙ୍କ ମନ କଥା। କେବଳ କହୁ ନ ଥିଲେ, କହୁକହୁ ବେଶ୍ ଭାବବିହ୍ୱଳ ହେଇପଡୁଥିଲେ ସେ! ଗଳା ଭାରୀ ହେଇଯାଉଥିଲା ତାଙ୍କର। କେତେବେଳେ ତାଙ୍କର ତଥା, ତାଙ୍କ ମାଆଙ୍କର ସଂଘର୍ଷର ଦିନର କଥା କହି ଦୁଃଖରେ କାନ୍ଦି ପକଉଥିଲେ ତ ପୁଣି କେତେବେଳେ ବର୍ତ୍ତମାନର ଅବସ୍ଥା କଥା ଭାବି ଖୁସୀରେ ଆଖିରୁ ତାଙ୍କର ବୋହି ଆସୁଥିଲା ଆନନ୍ଦର ଅଶ୍ରୁ। ଭାରୀ ଗଳା ଓ ଭିଜା ଆଖିରେ ହସ ଲୁହ ଭିତରେ ସୁମିତ୍ରା କହିଥିବା ତାଙ୍କ ମନ କଥା ଏଠାରେ ଆପଣମାନଙ୍କ ପାଇଁ... ସାକ୍ଷାତ ଓ ଉପସ୍ଥାପନା: **ଡ. ଅଚ୍ୟୁତ ସାମନ୍ତ**

## ପ୍ରସଙ୍ଗ : 'କିସ୍' : ଏକ ବିଶ୍ୱ ବିସ୍ମୟ

ଆଧୁନିକ ବିଶ୍ୱ ବହୁ ବିସଙ୍ଗତିରେ ଭରା। ଏଠି ଆମେ ପ୍ରତିଦିନ ଧ୍ୱଂସ ଓ ସଂହାର ଲୀଳାର ଖବର ଶୁଣୁଥିବାବେଳେ ଅନେକତ୍ର ସୁନ୍ଦର ବିଶ୍ୱ ନିର୍ମାଣ ପାଇଁ ଅହରହ ଉଦ୍ୟମରତ ମଣିଷମାନଙ୍କ କଥା ବି ଶୁଣୁଛୁ। ବିଶ୍ୱ ନିର୍ମାଣରେ ଲାଗିଥିବା ଏହି ଲୋକମାନେ ବିପରୀତ ପରିସ୍ଥିତିରେ ଭାଙ୍ଗି ପଡ଼ନ୍ତି ନାହିଁ କି ନିନ୍ଦା, କୁତ୍ସା ଓ ବିରୋଧକୁ ଖାତିର କରନ୍ତି ନାହିଁ। ସେସବୁ ପାଇଁ ସେମାନଙ୍କର ବେଳ ନ ଥାଏ କି ଇଚ୍ଛା ନ ଥାଏ। ସେମାନେ ଗୋଟିଏ କଥା ଜାଣନ୍ତି। ଆଗକୁ ଚାଲିବା। ସାଙ୍ଗରେ କେହି ଆସନ୍ତୁ ବା ନ ଆସନ୍ତୁ। ଦୃଢ଼ ମନୋବଳ ଓ ଗଭୀର ଆତ୍ମବିଶ୍ୱାସର ସହ ସେମାନେ ଆଗେଇ ଚାଲନ୍ତି ତାଙ୍କ ରାସ୍ତାରେ। ଅନ୍ୟମାନେ ଯେତେବେଳେ ଦେଖନ୍ତି ଲୋକଟି କେବଳ ଗଡ଼ି ଚାଲିଛି, ସୃଷ୍ଟି ତା'ର ସୁନ୍ଦର ଦିଶୁଛି- ସେତେବେଳେ ସେମାନେ ଆସି ତା' ସହ ମିଶନ୍ତି। ଅନୁଷ୍ଠାନଟିଏ ଗଢ଼ାହୁଏ ଏବଂ ତା' ବଢ଼ିବଢ଼ି ଚାଲେ। ତା'ର ରୂପ ଓ ମହକରେ ସେ

ଦୁନିଆକୁ ଚମକେଇ ଦିଏ। ଲୋକେ ତାକୁ ଦେଖନ୍ତି, ଆଶ୍ଚର୍ଯ୍ୟ ହୁଅନ୍ତି ଏବଂ ବାଃ ! ବାଃ ! କରନ୍ତି। ଏପରି ଏକ ଅନୁଷ୍ଠାନ ହେଉଛି, ଭୁବନେଶ୍ୱରର 'କିସ୍' (କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍)। କେବଳ ଓଡ଼ିଶା କି ଭାରତ ନୁହେଁ, ସାରା ପୃଥିବୀରେ ପ୍ରସିଦ୍ଧି ଲାଭ କରିଥିବା ଏହି ଅନୁଷ୍ଠାନର ଆରମ୍ଭ ମଧ୍ୟ ସେହିପରି ହୋଇଥିଲା। ଆସନ୍ତୁ ଜାଣିବା ଏହି ବିଶ୍ୱ ବିସ୍ମୟର ସ୍ଥିତି ଓ ପ୍ରଗତି ବିଷୟରେ।

## ପ୍ରସଙ୍ଗ : 'କିସ୍'ର ବୃହତ୍ ପାକଶାଳା

ସତେଇଶ ହଜାର ଛାତ୍ରଛାତ୍ରୀ କ'ଣ ଖାଆନ୍ତି? କେମିତି ଖାଆନ୍ତି? କେଉଁଠି ଖାଆନ୍ତି? ଏତେ ପିଲାଙ୍କ ପାଇଁ ରୋଷେଇ କେମିତି ହୁଏ? ବଢ଼ାବଢ଼ି କରେ କିଏ? - ଏମିତି ଅନେକ କୌତୂହଳ 'କିସ୍'ର ଛାତ୍ରଛାତ୍ରୀଙ୍କ ଖାଇବା ପିଇବାକୁ ନେଇ। ସଂପ୍ରତି ଗୋଟିଏ ପରିବାରର ଖାଇବାପିଇବା କଥା ବୁଝିବା କଷ୍ଟକର ବ୍ୟାପାର ହୋଇଯାଉଥିବା ବେଳେ ସତେଇଶ ହଜାର ପିଲାଙ୍କ ପାଇଁ ଶୃଙ୍ଖଳିତ ତଥା ସନ୍ତୁଳିତ ଖାଦ୍ୟ ବ୍ୟବସ୍ଥା କରିବା ଏବଂ ତା'ର ସୁପରିଚାଳନା ନିଶ୍ଚିତଭାବେ ପ୍ରଶଂସାର ବିଷୟ। ଗୌରବର କଥା, 'କିସ୍'ର ଏହି ବୃହତ୍ ପାକଶାଳା ବା 'କିସ୍'ର ଏହି ମେଗା କିଚେନ୍‌କୁ ନେଇ ଅନ୍ତର୍ଜାତୀୟ ଖ୍ୟାତିସଂପନ୍ନ ବୈଦ୍ୟୁତିକ ଗଣମାଧ୍ୟମ ଚ୍ୟାନେଲ୍ ଏକ ସ୍ୱତନ୍ତ୍ର ପ୍ରଦର୍ଶନ କରିସାରିଛି। 'କିସ୍'ର ଏହି ଶୃଙ୍ଖଳିତ ଖାଦ୍ୟ ବ୍ୟବସ୍ଥା ସମ୍ପର୍କରେ ଏକ ବିହଙ୍ଗାବଲୋକନ।

## ପ୍ରସଙ୍ଗ : ଭାଷାର ବିକାଶରେ ବ୍ୟକ୍ତିତ୍ୱର ବିକାଶ: 'କିସ୍' ଅନୁଷ୍ଠା

ମାତୃଭାଷାରେ ସବୁଠାରୁ ସହଜରେ ପିଲାଟିଏ ଶିକ୍ଷା ଲାଭ କରିପାରେ ବୋଲି ଶିକ୍ଷାବିତ୍, ବୈଜ୍ଞାନିକ ଓ ମନସ୍ତତ୍ତ୍ୱବିତ୍‌ମାନେ କୁହନ୍ତି। ସାଧାରଣରେ ବି ଏହା ପ୍ରମାଣିତ। କିନ୍ତୁ ଭାରତ ପରି ଦେଶ, ଯେଉଁଠି ବହୁ ଭାଷାଭାଷୀ ଲୋକ ବସବାସ କରୁଛନ୍ତି ସେଠି ସବୁ କଥିତ ବା ଲିଖିତ ଭାଷାକୁ ଶିକ୍ଷାଦାନର ମାଧ୍ୟମ ରୂପେ ବାଛିବା ଏକ କଷ୍ଟକର କାର୍ଯ୍ୟ। ତେବେ ଓଡ଼ିଶାର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍‌ସେସ୍ ବା 'କିସ୍'ରେ ସେପରି ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରାଯାଇଛି। ତାକୁ ନେଇ ଏ ଆଲେଖ୍ୟ- ଭାଷାର ବିକାଶରେ ବ୍ୟକ୍ତିତ୍ୱର ବିକାଶ: 'କିସ୍' ଅନୁଷ୍ଠାନ।

## ପ୍ରସଙ୍ଗ : ଧନ୍ଦାମୂଳକ ଶିକ୍ଷାର ପ୍ରୟୋଗଶାଳା: 'କିସ୍'

ମଣିଷର ସାମଗ୍ରିକ ବିକାଶରେ ସାହାଯ୍ୟ କରେ ଶିକ୍ଷା। ପାଠପଢ଼ା ସହିତ ଭବିଷ୍ୟତରେ ଆତ୍ମନିର୍ଭରଶୀଳ ହେବାର ଶିକ୍ଷା ଗ୍ରହଣକୁ 'ଧନ୍ଦାମୂଳକ ଶିକ୍ଷା' କୁହାଯାଏ। ଦିନକୁ ଦିନ ବେକାରି ସମସ୍ୟା ଉତ୍କଟ ପରିସ୍ଥିତି ସୃଷ୍ଟି କରୁଥିବାବେଳେ ଧନ୍ଦାମୂଳକ ଶିକ୍ଷା ବ୍ୟବସ୍ଥା ହିଁ ଏହି ସମସ୍ୟାକୁ ସମାଧାନ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ। ଏହାକୁ ଦୃଷ୍ଟିରେ ରଖାଯାଇ 'କିସ୍'ରେ ଧନ୍ଦାମୂଳକ ଶିକ୍ଷା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ଏ ସଂପର୍କରେ ଏହି ଆଲେଖ୍ୟ।

## ପ୍ରସଙ୍ଗ : 'କିସ୍' ଓ କ୍ରୀଡ଼ା

ଜଣେ ପିଲାର ସମ୍ପୂର୍ଣ୍ଣ ବିକାଶ ନିମନ୍ତେ 'କିସ୍' ସର୍ବଦା ଦୃଷ୍ଟି ଦେଇଆସିଛି। କ୍ରୀଡ଼ା ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଆଦିବାସୀ ଜନଜାତିର ପିଲାମାନଙ୍କୁ ବିଭିନ୍ନ କ୍ରୀଡ଼ାରେ ପାରଙ୍ଗମ କରାଇ ସେମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ 'କିସ୍'ର ପ୍ରୟାସ ସଫଳ ହେବାରେ ଲାଗିଛି। 'କିସ୍' ଛାତ୍ରଛାତ୍ରୀମାନେ ଏବେ ବିଭିନ୍ନ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବେଶ୍ ସଫଳତା ଅର୍ଜନ କରିବାରେ ଲାଗିଛନ୍ତି। ବ୍ୟକ୍ତିଗତ ସ୍ତରରେ ହେଉ କି ଦଳଗତ କ୍ରୀଡ଼ା, ସବୁଥିରେ 'କିସ୍' ଛାତ୍ରଛାତ୍ରୀ ଆଗୁଆ ରହି ସୁନାମ ଅର୍ଜନ କରିଚାଲିଛନ୍ତି। 'କିସ୍'ରେ କ୍ରୀଡ଼ାର ବିକାଶ ଓ ସଫଳତା ସମ୍ପର୍କରେ ଏକ ବିହଙ୍ଗାବଲୋକନ।

## ପ୍ରସଙ୍ଗ : 'କିସ୍'ର ସାଂସ୍କୃତିକ ସମ୍ଭାର

'କିସ୍' ଏଭଳି ଏକ ଅନନ୍ୟ ଅନୁଷ୍ଠାନ ଯେଉଁଠାରେ ଜଣେ ପିଲା ଯେ କେବଳ ପାଠ ପଢ଼ି ବଡ଼ ମଣିଷ ହୋଇଥାଏ, ତା' ନୁହେଁ। ବରଂ ପିଲାର ସଂପୂର୍ଣ୍ଣ ବିକାଶ ନିମନ୍ତେ ଏଠାରେ ଭରପୂର ସୁଯୋଗ ରହିଛି। କେବଳ ଶିକ୍ଷା ନୁହେଁ; ସଂସ୍କୃତି ଓ ସଂସ୍କାର ଶିକ୍ଷାରେ ମଧ୍ୟ ଏହି ଅନୁଷ୍ଠାନ ଅନେକ ଆଗରେ। 'କିସ୍'ର ସାଂସ୍କୃତିକ ଇତିହାସ ବେଶ୍ ସମୃଦ୍ଧ। ଏଠାରେ ବର୍ଷର ବିଭିନ୍ନ ସମୟରେ ଭିନ୍ନଭିନ୍ନ ଉତ୍ସବ ଓ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥାଏ। ଏହା କହିଲେ ଆଦୌ ଅନୁଚିତ ହେବନାହିଁ ଯେ ଏହି ଅନୁଷ୍ଠାନର ଅଗ୍ରଗତିରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ଏହାର ସୁସମୃଦ୍ଧ ସାଂସ୍କୃତିକ ଇତିହାସ। ଏ ସଂପର୍କିତ ଏକ ଆଲେଖ୍ୟ।

## ପ୍ରସଙ୍ଗ : 'କିସ୍': ସେମାନେ ଯାହା କୁହନ୍ତି

'କିସ୍' ଏଭଳି ଏକ ଅନୁଷ୍ଠାନ ଯାହାର ସୁନାମ ଆଜି ରାଜ୍ୟ, ଦେଶ ଡେଇଁ ସାରା ପୃଥିବୀରେ ପହଞ୍ଚିଛି। ଏଭଳି ଏକ ବିରଳ ଅନୁଷ୍ଠାନର ପରିକଳ୍ପନା, ପରିଚାଳନା ଓ ମହତ୍ ଉଦ୍ଦେଶ୍ୟ ଚକିତ କରିଛି ସମସ୍ତଙ୍କୁ। ଖାସ୍ ସେଥିପାଇଁ ଏଠାକୁ ଆକର୍ଷିତ ହୋଇ ବହୁ ବିଶିଷ୍ଟ ବ୍ୟକ୍ତିମାନେ ପରିଦର୍ଶନରେ କିମ୍ବା ଅତିଥି ହୋଇ ଆସିଥାନ୍ତି। ଉଲ୍ଲସିତ ହୋଇଥାନ୍ତି ବଣମୁଲକର ଏହି ଆଦିବାସୀ ଛାତ୍ରଛାତ୍ରୀ କିପରି ଶୃଙ୍ଖଳିତଭାବେ ନିଜର ଜୀବନ ଗଢ଼ିବା ଦେଖି। ସାରା ପୃଥିବୀରୁ ବହୁ ବିଶିଷ୍ଟ ତଥା ବହୁ ବରିଷ୍ଠ ବ୍ୟକ୍ତିତ୍ୱ ଆସନ୍ତି 'କିସ୍' ପରିଦର୍ଶନରେ, ଭାବ ବିହ୍ୱଳିତ ହୋଇ ପଡ଼ନ୍ତି ସେମାନେ 'କିସ୍'ରେ ପଢୁଥିବା ହଜାରହଜାର ଛାତ୍ରଛାତ୍ରୀମାନଙ୍କୁ ଦେଖି। 'କିସ୍' ପରିଦର୍ଶନ କାଳରେ ସେହି ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରୁ କେତେଜଣଙ୍କର 'କିସ୍' ସଂପର୍କିତ ମନ୍ତବ୍ୟ ଏଠାରେ ଉପସ୍ଥାପିତ।

## ପ୍ରସଙ୍ଗ : 'କିସ୍': ମାନବତା ସମ୍ମାନ

କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ୍ ସାଇନ୍‌ସେସ୍ ବା 'କିସ୍' ପକ୍ଷରୁ ପ୍ରତିବର୍ଷ ପ୍ରଦାନ କରାଯାଉଛି 'କିସ୍ ହ୍ୟୁମାନିଟାରିଆନ୍ ଆୱାର୍ଡ'। ମାନବ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଏହି ସମ୍ମାନ ଏବେ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛି। ଚଳିତ ବର୍ଷ 'କିସ୍ ହ୍ୟୁମାନିଟାରିଆନ୍ ଆୱାର୍ଡ-୨୦୧୭' ଗ୍ରହଣ କରିଛନ୍ତି ବିଶ୍ୱବିଖ୍ୟାତ ବୌଦ୍ଧ ଧର୍ମଗୁରୁ ଦଲାଇ ଲାମା। ତାଙ୍କ ପୂର୍ବରୁ ନଅଜଣ ବିଶିଷ୍ଟ ବ୍ୟକ୍ତି ଏହି ସମ୍ମାନ ପ୍ରାପ୍ତ ହୋଇସାରିଛନ୍ତି।

## ପ୍ରସଙ୍ଗ : 'କିସ୍'ବିଦ୍ୟାର୍ଥୀଙ୍କ ଖାଦ୍ୟ

ଶରୀର ନିମନ୍ତେ ଖାଦ୍ୟ ହେଉଛି ଇନ୍ଧନ। ଶରୀରକୁ ଶକ୍ତି ଯୋଗାଇଥାଏ ଖାଦ୍ୟ। ଏହା ଶରୀରକୁ କ୍ରିୟାଶୀଳ କରାଇଥାଏ। ବିଦ୍ୟାର୍ଥୀଙ୍କ ଜୀବନରେ ଏହି ଖାଦ୍ୟର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଉଭୟ ଶାରୀରିକ ଓ ମାନସିକ ବିକାଶରେ ଖାଦ୍ୟ ସାହାଯ୍ୟ କରିଥାଏ। ତେଣୁ ବିଦ୍ୟାର୍ଥୀଙ୍କ ପାଇଁ ଉପଯୁକ୍ତ ସନ୍ତୁଳିତ ପୁଷ୍ଟିକର ଖାଦ୍ୟ ଏକାନ୍ତ ଜରୁରୀ। ଏହା ଉପଲବ୍ଧି କରି 'କିସ୍' କର୍ତ୍ତୃପକ୍ଷ ପିଲାମାନଙ୍କୁ ସର୍ବଦା ଉପଯୁକ୍ତ ଖାଦ୍ୟ ଯୋଗାଇ ଦେଇଥାନ୍ତି। ପ୍ରଥମତଃ ସେମାନେ ବିଦ୍ୟାର୍ଥୀ, ଦ୍ୱିତୀୟରେ ଆଦିବାସୀ ଜନଜାତି ଅନ୍ତର୍ଭୁକ୍ତ ସେମାନେ। ଏସବୁକୁ ଦୃଷ୍ଟି ଦେଇ ସେମାନଙ୍କୁ ଠିକ୍ ସମୟରେ ଠିକ୍ ଖାଦ୍ୟ ପରଷି ଥାଏ 'କିସ୍'। ଭିନ୍ନ ଭିନ୍ନ ଦିନରେ ଭିନ୍ନ ଭିନ୍ନ ଖାଦ୍ୟ ଖାଉଥିବା 'କିସ୍'ର ବିଦ୍ୟାର୍ଥୀମାନଙ୍କୁ ପରଷା ଯାଉଥିବା କେତୋଟି ପ୍ରମୁଖ ଖାଦ୍ୟ ଏବଂ ତା'ର ସଂକ୍ଷିପ୍ତ ପ୍ରସ୍ତୁତ ପ୍ରଣାଳୀ ଏଠାରେ ଉପସ୍ଥାପନ କରାଯାଉଛି।

## ଗଳ୍ପ : ଲେଉଟାଣି

### ଲେଖିକା : ବନଜ ଦେବୀ

ଅଥଚ ଏ କଥା ଶୁଣିବାକୁ ସହଦେବଙ୍କୁ ଟିକେ ବି ଭଲ ଲାଗେ ନାହିଁ। ଲାଗଲାଗ ଦି'ଟା ଝିଅ ତାଙ୍କର ହେଲେ ବୋଲି ବୋଉର ଏ ଖୁଣ୍ଟା। ଖାଲି ତ ଖୁଣ୍ଟା ନୁହେଁ, ଦି'ଝିଅଙ୍କୁ ଦି'ଆଖିରେ ସେ ଦେଖିପାରେ ନାହିଁ। ବୋଉର ଏ କଥା ଶୁଣି ଅନ୍ୟ ଦିନ ହୋଇଥିଲେ, ସହଦେବ ବୋଉକୁ ଗାରଡ଼େଇ ଚାହିଁଥାନ୍ତେ। ତମତମ ହୋଇ ଚାଲି ଯାଇଥାନ୍ତେ। ଆଜି କିନ୍ତୁ ବୋଉକୁ ଚାହିଁବାକୁ ମଧ ତାଙ୍କର ଇଚ୍ଛା ହେଲା ନାହିଁ। ସେ ଗାଧୁଆ ଘରେ ପଶିଲେ।

## ଗଳ୍ପ: ଅନ୍ଧକାରର ଶିଡ଼ି

### ଲେଖକ: ରଣଧୀର ଦାସ

ସାର୍ ଆପଣ ବାବା ଭୈରବାନନ୍ଦଙ୍କୁ ଜାଣିଥିବେ। ସେ ଏଇ ସହରକୁ ଆସିବା ଦିନଠାରୁ ଘରେ ଆମର ତାଙ୍କୁ ସମ୍ଭାଳି ପାରୁନାହିଁ। କି ବିଭୂତି ସେ ଦେଉଛନ୍ତି ତାକୁ ଆଣି ମୋର ପଙ୍ଗୁ ପିଲାଟିର ମା' ତା'ର ଖାଲି ପୂଜା କରୁଛି। ମୁଁ ଆଜ୍ଞା ତାକୁ ଯେତେ ବୁଝାଉଛି ସେ କ'ଣ ମାନୁଛି। ଓଲଟି ମୋତେ ଆଖି ଦେଖାଇ କହୁଛି ବାବା ଭୈରବାନନ୍ଦଙ୍କ ଦୃଷ୍ଟି ପଡ଼ିଲେ ପୁଅ ମୋର ଉଠି ଚାଲିବ। ଅନ୍ୟମାନଙ୍କ ପରି ଚାଲିବ। ଖେଳିବ। ସ୍କୁଲଯିବ। ତମପରି ସେ ବଡ଼େଇ ବେଉସା କରିବନି। ପାଠପଢ଼ି ସେ ଡାକ୍ତର ନ ହେଲେ ଇଂଜିନିୟର ହେବ।

## ଗଳ୍ପ: ଧଳାକୁଆ

### ଲେଖିକା: ଗାୟତ୍ରୀବାଳା ପଣ୍ଡା

କମଳା ଦାସ ଓ ଅମୃତା ପ୍ରୀତମଙ୍କର ବୈବାହିକ ଜୀବନ କିପରି ସୁଖକର ନ ଥିଲା। ଦାମ୍ପତ୍ୟ ସଫଳ ନ ଥିଲା। ରାତିରେ ସଭିଏଁ ଶୋଇଲା ପରେ କମଳା ଦାସ କିପରି ଟେବୁଲ୍ ଉପରୁ ଅଇଁଠା ବାସନ ହଟେଇ ସେଇଠି ବସି ରାତି ପାହିବା ଯାଏଁ ଲେଖୁଥିଲେ। ଯେବେ ଦୁଧବାଲା ଆସି ବେଲ୍ ଟିପୁଥିଲା ତାଙ୍କର ଧ୍ୟାନ ଭାଙ୍ଗୁଥିଲା। ଥରକୁ ଥର ବିବାହ କରି ଅମୃତା ପ୍ରୀତମ୍ କିପରି ଯନ୍ତ୍ରଣା ଭୋଗିଥିଲେ। ଶେଷ ଜୀବନରେ ପାଇଥିବା ପ୍ରେମ ହିଁ ତାଙ୍କୁ କିଛିଟା ଆଶ୍ୱସ୍ତି ଆଣି ଦେଇଥିଲା ଜୀବନରେ। ଗପୁଛନ୍ତି ହବ୍‌ବା ଖାତୁନ୍‌ଙ୍କ ସ୍ୱାମୀ ସୁଲତାନ୍ ଯେବେ ତାଙ୍କୁ ପଚାରୁଥିଲେ, କାହାପାଇଁ ଲେଖିଛ ଏ ପ୍ରେମ କବିତା ? ହବ୍‌ବା ଖାତୁନ୍ ହସୁଥିଲେ ସ୍ୱାମୀଙ୍କ ଏ ପ୍ରଶ୍ନରେ।

## କବିତା

ଏଥର କବିତାରେ ରହିଛି: ବିରଜା ବଳଙ୍କ 'ଇତି ତୁମର ଚିଠି', ରକ୍ଷକ ନାୟକଙ୍କ 'ଅକ୍ଷୟ ଆୟୁଷ', ନିର୍ମଳା ମହାପାତ୍ରଙ୍କ 'ଅନେକରେ ଏକ' ଓ ମୁକୁଳ ମିଶ୍ରଙ୍କ 'ରୂପସୀ'।

## ଚଳନ୍ତିକା

'କିଟ୍' ସମାବର୍ତ୍ତନ ଉତ୍ସବ, ଅକ୍ଷୟ ସାହିତ୍ୟ ଉତ୍ସବ, ଭୁବନେଶ୍ୱର ପୁସ୍ତକମେଳା, ପ୍ରଦ୍ୟୁମ୍ନ ବଳଙ୍କ ଜୟନ୍ତୀ ସମାରୋହ, ଏକାମ୍ର ପୁସ୍ତକ ମହୋତ୍ସବ, ହରିଶ୍ଚନ୍ଦ୍ର ବକ୍ସିପାତ୍ର ଜୟନ୍ତୀ ସମାରୋହ, 'କାଦମ୍ବିନୀ'ର ସାହିତ୍ୟ ଆସର ଏବଂ କିଆ ଫ୍ୟାସନ ସୋ।

## ମନୋରଞ୍ଜନ

ଏ ମାସର ମନୋରଞ୍ଜନ ପୃଷ୍ଠରେ ଅଛି 'ଓନ୍‌ଲି ପ୍ୟାର୍', 'ଲୈଲା ଓ ଲୈଲା', 'ହାପି ଲକ୍କି', 'କ୍ରିଷ୍ଣା-ଷ୍ଟୋରୀ ଅଫ୍ ଏ ଡ୍ୟାନ୍ସର', 'ନଟ୍ ଖଟ୍ ରୋମିଓ'ର ମହୁରତ ଏବଂ 'ଟିକେ ଅନାଡ଼ି ପୂରା ଖିଲାଡ଼ି' ଓ 'ତୋ ପ୍ରେମରେ ପଡ଼ିଲା ପରେ'।

## ରାଶିଫଳ ଓ ତିଥି-ବାର-ବେଳା

ଡିସେମ୍ବର ମାସର ଭାଗ୍ୟଫଳ ସାଙ୍ଗକୁ ଡିସେମ୍ବର ଓ ଜାନୁଆରୀ ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

## ଘରକରଣା

ଏଥର ମଧ୍ୟ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।

## ରୂପଚର୍ଯ୍ୟା

ଏଥର ମଧ୍ୟ ରୂପଚର୍ଯ୍ୟାରେ ରହିଛି କେତୋଟି ରୂପ ଉପଯୋଗୀ ଟିପ୍ସ।

## ସ୍ୱାସ୍ଥ୍ୟ ସୂଚନା : ନବଜନ୍ମିତ ଶିଶୁର ଯତ୍ନ

ନୂତନ ସଦସ୍ୟଙ୍କ ଆଗମନରେ ଘରେ ଖୁସୀର ଲହରୀ ଖେଳିଯାଏ। ଆଉ ସେହି ନୂତନ ସଦସ୍ୟ ନବଜନ୍ମିତ ଶିଶୁ ହୋଇଥିଲେ ସେହି ଖୁସୀ ଦ୍ୱିଗୁଣିତ ହୋଇଯାଏ। ମାତୃତ୍ୱ ପ୍ରାପ୍ତିରେ ମା'ର ମନ ଅସୁମାରି ଖୁସୀ ଓ ସ୍ୱପ୍ନରେ ଭରିଯାଏ। ମାତ୍ର ସନ୍ତାନର ଲାଳନପାଳନ ମା' ପାଇଁ କୌଣସି ପ୍ରତିଯୋଗିତାଠାରୁ କମ୍ ନୁହେଁ। ଘରକୁ ଆସିଥିବା ନୂତନ ସଦସ୍ୟଟି ଖୁବ୍ କୋମଳ ହୋଇଥାଏ। ତା'ର ଉପଯୁକ୍ତ ଯତ୍ନ ନ ନେଲେ ଏହା ତା'ର ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରିପାରେ। ତେଣୁ କିପରି ନେବା ନବଜନ୍ମିତ ଶିଶୁର ସ୍ୱାସ୍ଥ୍ୟର ଯତ୍ନ, ଏହି ବିଷୟକୁ ନେଇ 'କାଦମ୍ବିନୀ'ର ଏ ସଂଖ୍ୟାରେ ପ୍ରସ୍ତୁତ କରୁଛୁ କିଛି ସୂଚନା।

■■■